ପାଠ-୬

# ଅବନା ଶବ୍ଦର ପରିଚୟ

## STUDY NOTES

- ଓଡ଼ିଆ ବର୍ଣ୍ଣମାଳା ବିଷୟରେ ଜାଣିଲେ। ତା' ସହିତ ତା'ର ଉଚ୍ଚାରଣ ଓ ଲିଖନ ପ୍ରଣାଳୀ ମଧ୍ୟ ଶିଖିଲେ।
- ବର୍ଣ୍ଣମାଳା ହେଉଛି ଦୁଇପ୍ରକାରର-

  ସ୍ୱରବର୍ଣ୍ଣ ଓ ବ୍ୟଞ୍ଜନ ବର୍ଣ୍ଣ
- ସ୍ୱରବର୍ଣ୍ଣ ହେଉଛି – ୧୧ଟି: 'ଅ' ଠାରୁ 'ଔ'
- ବ୍ୟଞ୍ଜନବର୍ଣ୍ଣ ହେଉଛି – ୩୯ଟି: 'କ' ଠାରୁ 'ଳ', ଅନୁସ୍ୱାର, ବିସର୍ଗ, ଚନ୍ଦ୍ରବିନ୍ଦୁ।
- ଏହି ସ୍ୱରବର୍ଣ୍ଣ ଓ ବ୍ୟଞ୍ଜନବର୍ଣ୍ଣ ଅକ୍ଷରଗୁଡ଼ିକୁ ବ୍ୟବହାର କରି ଆମେ ଶବ୍ଦ ଗଢୁ।

  ଏହି ଶବ୍ଦଗୁଡ଼ିକୁ ଅବନା ଶବ୍ଦ କୁହାଯାଏ।
- ବିନା ମାତ୍ରା ସମ୍ପର୍କିତ ଶବ୍ଦକୁ ଆମେ ଅବନା ଶବ୍ଦ କହିଥାଉ।

  ଉଦାହରଣ: ପଇଡ଼, ଫଳ, ବଗ, ଭବନ, ମଟର
- ଅବନା ଶବ୍ଦଗୁଡ଼ିକର ପଠନ ଓ ଲିଖନ:

| | | | | | | | |
|---|---|---|---|---|---|---|---|
| ପ – | ପର | ପବନ | ପତର | ପଇଡ଼ | ପଥର | ପଣସ | |
| ଫ – | ଫଳ | ଫସଲ | ଫଉଜ | ଫରକ | ଫରଫର | | |
| ବ – | ବଗ | ବଣ | ବଟ | ବଳ | ବରଷ | ବରଫ | ବରଗଛ |
| ଭ – | ଭଲ | ଭୟ | ଭଜ | ଭବନ | ଭଜନ | ଭଜମନ | ଭଣଭଣ |
| ମ – | ମନ | ମଠ | ମଗର | ମଳୟ | ମଟର | ମହମ | ମଲମ |

- ଅବନା ବାକ୍ୟଗୁଡ଼ିକର ପଠନ ଓ ଲିଖନ।

  ମଦନ ମଉଜ କର

  ଭକତ ଭଜନ କର।

ସଇନ ପଇଡ଼ ଆଣ

ଅଳସ ନ କର ।

ବହଇ ମଳୟ ପବନ

ଅଝଟ ନ କର ମନ ।

## ଅଭ୍ୟାସ

**୧. ପଢ଼ ଓ ଲେଖ ।**

| | | | |
|---|---|---|---|
| ପଇଡ଼ | ଭବନ | ଫସଲ | ମଉନ |
| ଯବନ | ଭଜନ | ସଫଳ | ମଗଜ |
| ପଉଷ | ମଟର | ଖପର | ମଳୟ |

**୨. ସଜାଡ଼ି ଲେଖ ।**

ଥପର - ପଥର

ଶପସ - ପଣସ

ଉଫଜ - ଫଉଜ

ବପନ - ପବନ

ୟବସ - ବୟସ

ଉବଦ - ବଉଦ

ଳମୟ - ମଳୟ

ଦମନ - ମଦନ

ଜଭନ - ଭଜନ

**୩. ଇଂରାଜୀରୁ ଓଡ଼ିଆ କର ।**

Leaf - ପତର

Forest - ବଣ

Crocodile - ମଗର

Stone - ପଥର

Wind - ପବନ

**୪. ଶୂନ୍ୟସ୍ଥାନ ପୂରଣ କର ।**

| | | |
|---|---|---|
| ଭକତ | ଫସଲ | ପଇଡ଼ |
| ମଗର | ପବନ | ବୟସ |
| ବରଫ | ଭଜମନ | ମଳୟ |


**୫. ପଦ୍ୟଟିକୁ ପୂରା କର ।**

ମଦନ ମଉଜ କର, ଭକତ ଭଜନ କର ।

ମଇନ ପଇଡ଼ ଆଣ, ଅଳସ ନ କର ।

## ଶବ୍ଦାବଳୀ

- **ଅକ୍ଷର ଯୋଡ଼ି ଶବ୍ଦ ଗଢ଼ ।**




**ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ ।**

କ) ଭକତ କ'ଣ କର ?

ଉ: ଭକତ ଭଜନ କର ।

ଖ) କ'ଣ ନ କର ?

ଉ: ଅଳସ ନ କର ।

ଗ) ମଇନ କ'ଣ ଆଣ ?

ଉ: ମଇନ ପଇଡ଼ ଆଣ ।

♦♦♦

ODM EDUCATIONAL GROUP Changing your Tomorrow